GOVERNMENT OF ODISHA

# ଜନସାଧାରଣଙ୍କ ବଜେଟ୍
# ୨୦୨୨-୨୩

୨ ଜୁଲାଇ, ୨୦୨୨

**ଅର୍ଥ ବିଭାଗ**



ଓଡ଼ିଶା ସରକାର

# ଜନସାଧାରଣଙ୍କ ବଜେଟ 2022-23

**2 ଜୁଲାଇ, 2022**

**ଅର୍ଥ ବିଭାଗ**

# ସୂଚୀପତ୍ର


1. ଉପକ୍ରମ ........ 3
2. ରାଜ୍ୟର ଅର୍ଥନୀତି – ଏକ ଦୃଷ୍ଟିପାତ ........ 3
3. ପାଣ୍ଠିର ଉତ୍ସ ଏବଂ ବ୍ୟବହାର ........ 6
4. ବଜେଟ୍ ମୁଖ୍ୟାଂଶ ........ 7
5. ବଜେଟ୍ - ଏକ ଝଲକ ........ 13
6. ରାଜସ୍ୱ ପ୍ରାପ୍ତିର ବିଶ୍ଳେଷଣ ........ 14
7. ବ୍ୟୟର ବିଶ୍ଳେଷଣ ........ 16
8. ଆର୍ଥିକ ବର୍ଷ 2022-23 ରେ ବିଭାଗୱାରୀ ବ୍ୟୟ ବରାଦ ........ 18
9. ବ୍ୟୟବରାଦ ପାଇଁ ପୁଞ୍ଜି ........ 19
10. ଦାବୀ ଅନୁଯାୟୀ ବଜେଟ ଅନୁମୋଦନ ........ 22
11. ବଜେଟ୍‌ରେ ବ୍ୟବହୃତ ଶବ୍ଦାବଳୀ ........ 24

## 1. ଉପକ୍ରମ

ବଜେଟ୍ ସମ୍ପର୍କୀୟ ତଥ୍ୟ ଜନସାଧାରଣଙ୍କୁ ସୁବିଧାରେ ଉପଲବ୍ଧ କରାଇବା ତଥା ଓଡିଶାର ସରକାରୀ ଅର୍ଥ ପରିଚାଳନାରେ ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା ଆଣିବା ପାଇଁ, "ଜନସାଧାରଣଙ୍କ ବଜେଟ" ଦସ୍ତାବିଜ୍‌ଟି ପ୍ରସ୍ତୁତ କରାଯାଇଛି। ଏଥିରେ ରାଜ୍ୟ ବଜେଟ୍‌ର କେତେକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସରଳ ରୂପେ ସାଧାରଣ ଜନତାଙ୍କର ବୋଧଗମ୍ୟ ହେବା ପରି ପ୍ରସ୍ତୁତ କରାଯାଇଛି। ବଜେଟ୍‌ରେ ନିହିତ ଥିବା ବିଭିନ୍ନ ସରକାରୀ ନୀତି ଓ କାର୍ଯ୍ୟକ୍ରମଗୁଡିକ ସାଧାରଣ ଲୋକଙ୍କ ଜୀବନର ଉନ୍ନତି ଓ କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ଏଣୁ ବଜେଟ ନିର୍ମାଣ ବୁଝିବା ଅତ୍ୟନ୍ତ ଜରୁରୀ ଓ ଆବଶ୍ୟକ।


## 2. ରାଜ୍ୟର ଅର୍ଥନୀତି – ଏକ ଦୃଷ୍ଟିପାତ

ମୂଳ ମୂଲ୍ୟରେ **ବାସ୍ତବ ସାମଗ୍ରିକ ରାଜ୍ୟ ମୂଲ୍ୟଯୁକ୍ତ[1]** ମୁଖ୍ୟତଃ ରାଜ୍ୟ ଅର୍ଥନୀତିରେ ଯୋଗାଣ ବା ଉତ୍ପାଦନକୁ ସୂଚୀତ କରେ । 2020-21 ଆର୍ଥିକ ବର୍ଷ (ପ୍ରଥମ ସଂଶୋଧିତ ଅଟକଳ) ଅନୁସାରେ ଏହାର ବୃଦ୍ଧିହାର -4.26 ପ୍ରତିଶତ ଥିବା ବେଳେ 2021-22 ଆର୍ଥିକ ବର୍ଷ (ଅଗ୍ରୀମ ଅଟକଳ)ରେ ଏହି ଅଭିବୃଦ୍ଧି ହାର ୫.୫1 ପ୍ରତିଶତକୁ ବୃଦ୍ଧି ପାଇଛି। 2021-22 ଆର୍ଥିକ ବର୍ଷରେ ରାଜ୍ୟର ବାସ୍ତବ ସାମଗ୍ରିକ ଘରୋଇ ଉତ୍ପାଦ[2] ର ଅଭିବୃଦ୍ଧି ହାର 10.11 ପ୍ରତିଶତ ରହିଥିବା ବେଳେ, ବିଗତ ଆର୍ଥିକ ବର୍ଷ(2020-21) ସଂଶୋଧିତ ଅଟକଳ ଅନୁସାରେ ଏହା -5.35 ପ୍ରତିଶତ ରହିଥିଲା। 2020-21 ଆର୍ଥିକ ବର୍ଷରେ ବାସ୍ତବ ମୁଣ୍ଡପିଛା ଆୟ ବୃଦ୍ଧିର ହାର (ପ୍ରଥମ ସଂଶୋଧିତ ଅଟକଳ) -5.35 ପ୍ରତିଶତ ଥିବା ବେଳେ 2021-22 (ଅଗ୍ରୀମ ଅଟକଳ) ଅନୁସାରେ ବାସ୍ତବ ମୁଣ୍ଡପିଛା ଆୟ ବୃଦ୍ଧିର ହାର 9.74 ପ୍ରତିଶତ ରହିଛି। ବାସ୍ତବ ସାମଗ୍ରିକ ରାଜ୍ୟ ମୂଲ୍ୟଯୁକ୍ତ, ସାମଗ୍ରୀକ ରାଜ୍ୟ ଘରୋଇ ଉତ୍ପାଦ ଓ ମୁଣ୍ଡପିଛା ଆୟର ବୃଦ୍ଧି ହାର ଚାର୍ଟ 1 ରେ ଦର୍ଶାଯାଇଛି ।

[1] 2011-12 ଆର୍ଥିକ ବର୍ଷର ସ୍ଥିର ମୂଲ୍ୟରେ ବାସ୍ତବିକ ଅଭିବୃଦ୍ଧି ହିସାବ କରାଯାଇଛି ।

[2] ବଜାର ଦରରେ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ = (ମୌଳିକ ମୂଲ୍ୟରେ ସାମଗ୍ରିକ ରାଜ୍ୟ ମୂଲ୍ୟଯୁକ୍ତ ଓ ଉତ୍ପାଦିତ ଦ୍ରବ୍ୟ ଉପରେ ପରୋକ୍ଷ କର - ଉତ୍ପାଦିତ ଦ୍ରବ୍ୟ ଉପରେ ସରକାରୀ ରିହାତି)


**ଚାର୍ଟ-1: ସାମଗ୍ରିକ ରାଜ୍ୟ ମୂଲ୍ୟଯୁକ୍ତ,ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ବାସ୍ତବ ଅଭିବୃଦ୍ଧି ଧାରା ଏବଂ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାର (ପ୍ରତିଶତରେ)**






ବାସ୍ତବ ସାମଗ୍ରିକ ରାଜ୍ୟ ମୂଲ୍ୟଯୁକ୍ତରେ ରାଜ୍ୟ ଅର୍ଥନୀତିର ପ୍ରାଥମିକ, ଦ୍ୱିତୀୟକ ଓ ତୃତୀୟକ କ୍ଷେତ୍ରର ଅଭିବୃଦ୍ଧିର ଅଂଶ (ପ୍ରତିଶତରେ) ଚାର୍ଟ୍ 2 ରେ ପ୍ରଦାନ କରାଗଲା । 2021-22 ଆର୍ଥିକ ବର୍ଷର (ଅଗ୍ରୀମ ଅଟକଳ ଅନୁସାରେ) ବାସ୍ତବ ସାମଗ୍ରିକ ରାଜ୍ୟ ମୂଲ୍ୟଯୁକ୍ତରେ ରାଜ୍ୟ ଅର୍ଥନୀତିର ପ୍ରାଥମିକ କ୍ଷେତ୍ରରେ ଅବଦାନ 24.45 ପ୍ରତିଶତ ରହିଥିବା ବେଳେ 2020-21 ଆର୍ଥିକ ବର୍ଷର(ପ୍ରଥମ ସଂଶୋଧିତ ଅଟକଳ ଅନୁସାରେ) ଏହାର ଅଂଶ 25.53 ପ୍ରତିଶତ ରହିଥିଲା । ସେହିପରି 2021-22 ଆର୍ଥିକ ବର୍ଷରେ ଅଗ୍ରୀମ ଅଟକଳ ଅନୁସାରେ ବାସ୍ତବ ସାମଗ୍ରିକ ରାଜ୍ୟ ମୂଲ୍ୟଯୁକ୍ତରେ ରାଜ୍ୟ ଅର୍ଥନୀତିର ଦ୍ୱିତୀୟକ ଓ ତୃତୀୟକ କ୍ଷେତ୍ରର ଅବଦାନ ଯଥାକ୍ରମେ 34.82 ଓ 40.73 ପ୍ରତିଶତ ରହିଥିବା ବେଳେ 2020-21 ଆର୍ଥିକ ବର୍ଷରେ(ପ୍ରଥମ ସଂଶୋଧିତ ଅଟକଳ ଅନୁସାରେ) ଏହାର ଅଂଶ ଯଥାକ୍ରମେ 33.38 ଓ 41.08 ପ୍ରତିଶତ ରହିଥିଲା ।

ମୁଖ୍ୟତଃ ଅର୍ଥନୀତିର ଦ୍ୱିତୀୟକ କ୍ଷେତ୍ର ଏବଂ ତାହା ସହ ପ୍ରାଥମିକ ଓ ତୃତୀୟକ କ୍ଷେତ୍ରରେ ମଧ୍ୟ ସଂପ୍ରସାରଣ ଯୋଗୁ 2021-22 ଆର୍ଥିକ ବର୍ଷରେ ରାଜ୍ୟ ଅର୍ଥନୀତିରେ ସଂପ୍ରସାରଣ ଘଟିଛି। ଦ୍ୱିତୀୟକ କ୍ଷେତ୍ରରେ ଏହି ସଂପ୍ରସାରଣ ପାଇଁ ପ୍ରଧାନତଃ ନିର୍ମାଣ କ୍ଷେତ୍ର (14.29 ପ୍ରତିଶତ) ଓ ଉତ୍ପାଦନ କ୍ଷେତ୍ର(13.22 ପ୍ରତିଶତ) ଦାୟୀ। 2020-21 ରେ ପ୍ରାଥମିକ କ୍ଷେତ୍ରରେ GSVA ଅଭିବୃଦ୍ଧି -5.92 ପ୍ରତିଶତ ଥିଲାବେଳେ 2021-22ରେ ଏହା 4.22 ପ୍ରତିଶତ ରହିଛି।

## ଚାର୍ଟ ୨: କ୍ଷେତ୍ରୀୟ ପ୍ରଦର୍ଶନ: ଅଭିବୃଦ୍ଧି ଏବଂ GSVAରେ ଭାଗ








## 3. ପାଣ୍ଠିର ଉତ୍ସ ଏବଂ ବ୍ୟବହାର

**ଚାର୍ଟ 3: 2022-23 ଆର୍ଥିକ ବର୍ଷରେ ସମ୍ବଳର ଉତ୍ସ ଓ ବ୍ୟୟ**




ପାଣ୍ଠିର ମୁଖ୍ୟ ଉତ୍ସଗୁଡ଼ିକ ହେଉଛି ନିଜସ୍ୱ ଅଣ-ଟିକସ (24.10%), ନିଜସ୍ୱ ଟିକସ (23%), କେନ୍ଦ୍ରୀୟ ଟିକସରେ ରାଜ୍ୟ ଅଂଶ (18.49%) ଏବଂ କେନ୍ଦ୍ରୀୟ ଅନୁଦାନ (16.39%) ଏବଂ ପୁଞ୍ଜିପ୍ରାପ୍ତି ଯାହା ସରକାରୀ ଋଣ ଏବଂ ଋଣ ଓ ଅଗ୍ରୀମ ଆଦାୟ ର ସମଷ୍ଟି (18.02%) | କେନ୍ଦ୍ର ରୁ ହସ୍ତାନ୍ତର ହେଉଛି 34.88% | ପାଣ୍ଠିର ମୁଖ୍ୟ ଖର୍ଚ୍ଚ ହେଉଛି ; କାର୍ଯ୍ୟକ୍ରମ ଖର୍ଚ୍ଚ (50%) ଏବଂ ପ୍ରଶାସନିକ ଖର୍ଚ୍ଚ (44.81%) (**ଚାର୍ଟ-3)**

## 4. ବଜେଟ୍ ମୁଖ୍ୟାଂଶ

### ବଜେଟର ଗୁଣାତ୍ମକ ଦିଗ

| | | |
|---|---|---|
| ବଜେଟ ଆକାର **2 ଲକ୍ଷ କୋଟି** (GSDPର 27.8%) : **18%** **ବୃଦ୍ଧି** | କାର୍ଯ୍ୟକ୍ରମ ଖର୍ଚ୍ଚ **1 ଲକ୍ଷ କୋଟି**(ବଜେଟର 50%) : **33% ବୃଦ୍ଧି** | ପୁଞ୍ଜି ଖର୍ଚ୍ଚ **38,732 କୋଟି ଟଙ୍କା** (GSDPର 5.4%):**56% ବୃଦ୍ଧି** |
| ରାଜସ୍ୱ ବଳକା **18,239 କୋଟି ଟଙ୍କା** (GSDP ର 2.5%) | ବିତ୍ତୀୟ ନିଅଣ୍ଟ **21,588 କୋଟି ଟଙ୍କା** (GSDPର 3%) | ମୋଟ ଋଣ **1,12,400 କୋଟି ଟଙ୍କା** (GSDP ର 15.6%) |
| ସାମାଜିକ କ୍ଷେତ୍ର ବ୍ୟୟ ମୋଟ ବ୍ୟୟବରାଦ ର **34%** | ଅର୍ଥନୈତିକ କ୍ଷେତ୍ର ବ୍ୟୟ ମୋଟ ବ୍ୟୟବରାଦ ର **32%** | ମୋଟ ବ୍ୟୟବରାଦ ର **66%** ବିକାଶମୂଳକ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ |
| ମୋଟ ରାଜସ୍ୱର **57%** ନିଜ ରାଜସ୍ୱ | GSDPରେ ନିଜ ଟିକସର ଭାଗ **6.4%** | ବଜେଟ ପୂର୍ଣ୍ଣ ରୂପରେ FRBM ଆଇନାଧୀନ |

ଦେଶରେ ପ୍ରଥମ ରାଜ୍ୟ ହିସାବରେ ଆମ ରାଜ୍ୟରେ ଏକ Budget Stabilization Fund (BSF) ପ୍ରତିଷ୍ଠା କରାଯିବ। ଏହା ଦ୍ୱାରା ଖଣିଜ ଧାତୁର ମୂଲ୍ୟ ଓ ଅନ୍ୟ ରାଜସ୍ୱ ଉତ୍ସର ଅନିଶ୍ଚିତତା ଯୋଗୁ ସଂଭାବ୍ୟ ବିପଦ ପ୍ରଶମନ କରାଯାଇ ପାରିବ।

# ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ପାଇଁ ବ୍ୟୟବରାଦ

- ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ **12,624** କୋଟି ଟଙ୍କା (୩୪% ବୃଦ୍ଧି)
- ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ **27,324** କୋଟି ଟଙ୍କା (**12%** ବୃଦ୍ଧି)
- ପାଇପ ଜଳ ପାଇଁ 8,389 କୋଟି ଟଙ୍କା
- ଅନୁସୂଚିତ ଜାତି ଓ ଜନଜାତି ବିକାଶ ପାଇଁ 32,596 କୋଟି ଟଙ୍କା (**12%** ବୃଦ୍ଧି)
- କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ 21,166 କୋଟି ଟଙ୍କା (21% ବୃଦ୍ଧି)
- ଧାର୍ମିକ ଓ ସାଂସ୍କୃତିକ ସ୍ଥଳ ପାଇଁ 1,950 କୋଟି ଟଙ୍କା (97% ବୃଦ୍ଧି)
- ରାସ୍ତା ଭିତ୍ତିଭୂମି ପାଇଁ 14,454 କୋଟି ଟଙ୍କା (28% ବୃଦ୍ଧି)
- କ୍ରୀଡା ବିକାଶ ପାଇଁ 911 କୋଟି ଟଙ୍କା (100% ବୃଦ୍ଧି)
- ସହରାଞ୍ଚଳ ବିକାଶ ପାଇଁ 7,251 କୋଟି ଟଙ୍କା (25% ବୃଦ୍ଧି)
- ଗୃହ ନିର୍ମାଣ ପାଇଁ 6,500 କୋଟି ଟଙ୍କା(97% ବୃଦ୍ଧି )
- ମିଶନ ଶକ୍ତି ଓ ମହିଳା ଏବଂଶିଶୁ ବିକାଶ ପାଇଁ **5,567** କୋଟି ଟଙ୍କା(43% ବୃଦ୍ଧି)
- ଶକ୍ତି କ୍ଷେତ୍ର ପାଇଁ 3,479 କୋଟି ଟଙ୍କା (93% ବୃଦ୍ଧି)
- ଶିଳ୍ପ ଓ MSME ପାଇଁ 1,269 କୋଟି ଟଙ୍କା(46% ବୃଦ୍ଧି)
- ଆଭ୍ୟନ୍ତରୀଣ ସୁରକ୍ଷା ଓ ନ୍ୟାୟ ପାଇଁ 7,551 କୋଟି ଟଙ୍କା (18% ବୃଦ୍ଧି)
- ବିପର୍ଯ୍ୟୟ ବିପଦ ପରିଚାଳନା ପାଇଁ 3,262 କୋଟି ଟଙ୍କା(5% ବୃଦ୍ଧି)
- ସ୍ଥାନୀୟ ନିକାୟ ସଂସ୍ଥା ମାନଙ୍କୁ ହସ୍ତାନ୍ତର ପାଇଁ 7,200 କୋଟି ଟଙ୍କା(4% ବୃଦ୍ଧି)

# ଏହି ବଜେଟରେ ନୂଆ କ'ଣ ଅଛି

| | | |
|---|---|---|
| Budget Stabilization Fund ପାଇଁ 10,000 କୋଟି ଟଙ୍କା | 199 କିମି ଉପକୂଳ ବନ୍ଧ ନିର୍ମାଣ ପାଇଁ 763 କୋଟି ଟଙ୍କା (3 ବର୍ଷ ପାଇଁ ) | MGNREGS କୁ ରାଜ୍ୟ ସହାୟତା ବାବଦକୁ 500 କୋଟି ଟଙ୍କା |
| ସମୟାନୁଯାୟୀ MGNREGS ମଜୁରୀ ପ୍ରଦାନ ପାଇଁ 1,000 କୋଟି ଟଙ୍କାର କର୍ପସ | ଶିଳ୍ପ ଓ MSME କ୍ଲଷ୍ଟର ପାଇଁ 270 କୋଟି ଟଙ୍କା | 5T ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ ଯୋଜନା ପାଇଁ 100 କୋଟି ଟଙ୍କା |
| ବିଦ୍ୟୁତ ଯାନ ନୀତି (EV Policy) କାର୍ଯ୍ୟକାରୀ କରିବା ପାଇଁ 50 କୋଟି ଟଙ୍କା | ଚେକ ଡ୍ୟାମ Raft Foundation ପାଇଁ 58 କୋଟି ଟଙ୍କା | ନୂତନ ଭାବରେ ପ୍ରତିଷ୍ଠିତ ମିଶନ ଶକ୍ତି ବିଭାଗ ପାଇଁ 2,000 କୋଟି ଟଙ୍କା |
| FIDF ଅଧୀନରେ ମତ୍ସ୍ୟ ଚାଷ ଭିତ୍ତିଭୂମି ପାଇଁ 25 କୋଟି ଟଙ୍କା | କଫି ଚାଷ ଏବଂ ସ୍ଥାୟୀ ଜୀବିକା ପାଇଁ 10 କୋଟି ଟଙ୍କା | ଦୁର୍ଗମ ଅଞ୍ଚଳ ଗ୍ରାମ ସଂଯୋଗୀକରଣ (CUVDA) ପାଇଁ 150 କୋଟି ଟଙ୍କା |
| ସଡ଼କ ସଂଯୋଗୀକରଣ (Connecting Missing Road Links) ପାଇଁ 150 କୋଟି ଟଙ୍କା | TRIP ଯୋଜନା ଅଧୀନରେ ସଡ଼କ ଉନ୍ନୟନ ପାଇଁ 340 କୋଟି ଟଙ୍କା | ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା |

# ପ୍ରମୁଖ ଯୋଜନା ପାଇଁ ବ୍ୟୟବରାଦ

**2,664 କୋଟି ଟଙ୍କା**
ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା



**2,335 କୋଟି ଟଙ୍କା**
ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ

**2,156 କୋଟି ଟଙ୍କା**
ଜାତୀୟ ସ୍ୱାସ୍ଥ୍ୟ ମିଶନ



**6,000 କୋଟି ଟଙ୍କା**
ଜଳ ଜୀବନ ମିଶନ




**1,850 କୋଟି ଟଙ୍କା**
ବସୁଧା

**601 କୋଟି ଟଙ୍କା**
ଅମୃତ




**585 କୋଟି ଟଙ୍କା**
ସହରାଞ୍ଚଳ ଶାସନବ୍ୟବସ୍ଥା



334 କୋଟି ଟଙ୍କା
ନୂତନ ସହର ବିକାଶ

**100 କୋଟି ଟଙ୍କା**
ଜାଗା ମିଶନ




**1,874 କୋଟି ଟଙ୍କା**
କାଳିଆ ଯୋଜନା




**893 କୋଟି ଟଙ୍କା**
କୃଷକଙ୍କୁ ସୁଧ ରିହାତି



**688 କୋଟି ଟଙ୍କା**
ଶସ୍ୟ ଉତ୍ପାଦନ ପରିଚାଳନା



**256 କୋଟି ଟଙ୍କା**
ପଶୁ ସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ



**2,493 କୋଟି ଟଙ୍କା**
**PMKSY ଅଧୀନରେ AIBP**



**968 କୋଟି ଟଙ୍କା**
ବନ୍ୟା ନିୟନ୍ତ୍ରଣ ଓ ନିଷ୍କାସନ



**400 କୋଟି ଟଙ୍କା**
**BKVY**



**1,022 କୋଟି ଟଙ୍କା**
**WSIDP**



1,044 କୋଟି ଟଙ୍କା
**In-stream Storage Structures**



5,906 କୋଟି ଟଙ୍କା
**PMAY ଗ୍ରାମୀଣ**



**2,001 କୋଟି ଟଙ୍କା**
**MGNREGA - ଉପାଦାନ**

# ପ୍ରମୁଖ ଯୋଜନା ପାଇଁ ବ୍ୟୟବରାଦ




**264 କୋଟି ଟଙ୍କା**

ମୁକ୍ତା




**3,581 କୋଟି ଟଙ୍କା**

ସମଗ୍ର ଶିକ୍ଷା

**646 କୋଟି ଟଙ୍କା**

ମୋ ସ୍କୁଲ ଅଭିଯାନ

**420 କୋଟି ଟଙ୍କା**

ଓଡ଼ିଶା ଆଦର୍ଶ ବିଦ୍ୟାଳୟ

**247 କୋଟି ଟଙ୍କା**

ମମତା



**416 କୋଟି ଟଙ୍କା**

ICDSକୁ ରାଜ୍ୟ ସହାୟତା



**1,113 କୋଟି ଟଙ୍କା**

SNP



2,397 କୋଟି ଟଙ୍କା

ସକ୍ଷମ ଅଙ୍ଗନବାଡ଼ି ଓ ପୋଷଣ 2.0



**773 କୋଟି ଟଙ୍କା**

WSHG କୁ ଆର୍ଥିକ ସହାୟତା



**176 କୋଟି ଟଙ୍କା**

ମିଶନ ଶକ୍ତି ଗୃହ



**1039 କୋଟି ଟଙ୍କା**


NRLM

**343 କୋଟି ଟଙ୍କା**

ଅନ୍ୱେଷା

**538 କୋଟି ଟଙ୍କା**

ଆକାଂକ୍ଷା



**2017 କୋଟି ଟଙ୍କା**

ମଧୁବାବୁ ପେନଶନ ଯୋଜନା



**104 କୋଟି ଟଙ୍କା**

ଭିନ୍ନକ୍ଷମ କଲ୍ୟାଣ




1,320 କୋଟି ଟଙ୍କା

NSAP



**114 କୋଟି ଟଙ୍କା**

ବୃଦ୍ଧାଶ୍ରମ



**1,023 କୋଟି ଟଙ୍କା**

କେଜି ପ୍ରତି 1 ଟଙ୍କା ଚାଉଳ



**1,688 କୋଟି ଟଙ୍କା**

ବିଜୁ ସେତୁ ଯୋଜନା



**1,325 କୋଟି ଟଙ୍କା**

ଅବଢା

# ପ୍ରମୁଖ ଯୋଜନା ପାଇଁ ବ୍ୟୟବରାଦ

300 କୋଟି ଟଙ୍କା

ବିଜୁ ଏକ୍ସପ୍ରେସ



1,550 କୋଟି ଟଙ୍କା

PMGSY



200 କୋଟି ଟଙ୍କା

ଏକାମ୍ର



674 କୋଟି ଟଙ୍କା

MMSY



200 କୋଟି ଟଙ୍କା

ସମଲେଇ

30 କୋଟି ଟଙ୍କା

CCTNS




46 କୋଟି ଟଙ୍କା

ERSS



2,217 କୋଟି ଟଙ୍କା

ଜଙ୍ଗଲ କ୍ଷେତ୍ର




15 କୋଟି ଟଙ୍କା

ଆମ ଜଙ୍ଗଲ ଯୋଜନା



53 କୋଟି ଟଙ୍କା

ସବୁଜ ଜଳବାୟୁ ପାଣ୍ଠି




11 କୋଟି ଟଙ୍କା

ଖେଲୋ ଇଣ୍ଡିଆ



719 କୋଟି ଟଙ୍କା

କ୍ରୀଡା ଭିତ୍ତିଭୂମି



115 କୋଟି ଟଙ୍କା

କ୍ରୀଡା ଶିକ୍ଷାକୁ ପ୍ରୋତ୍ସାହନ




375 କୋଟି ଟଙ୍କା

ପର୍ଯ୍ୟଟନ ଭିତ୍ତିଭୂମି




150 କୋଟି ଟଙ୍କା

ପର୍ଯ୍ୟଟନକୁ ପ୍ରୋତ୍ସାହନ

2246 କୋଟି ଟଙ୍କା

ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି

964 କୋଟି ଟଙ୍କା

ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି



46 କୋଟି ଟଙ୍କା

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା



15 କୋଟି ଟଙ୍କା

କୀର୍ତ୍ତିରାଜି ର ସୁରକ୍ଷା




136 କୋଟି ଟଙ୍କା

ଓଡ଼ିଆ ଭାଷା, ସଂସ୍କୃତି ଓ ଐତିହ୍ୟ

## 5. ବଜେଟ୍ : ଏକ ଝଲକ

**ସାରଣୀ 1- ବଜେଟ୍ : ଏକ ଝଲକ**

| | | 2019-20 | 2020-21 | 2021-22 | 2022-23 |
|---|---|---|---|---|---|
| | | **Actuals** | **Actuals** | **RE** | **BE** |
| **1** | **ରାଜସ୍ୱ ପ୍ରାପ୍ତି(a+b+c+d)** | **101567.75** | **104387.24** | 141395.66 | 163966.52 |
| | ନିଜ ଟିକସ ରାଜସ୍ୱ | 32315.18 | 34258.17 | 41467.00 | 46000.00 |
| | ନିଜ ଅଣଟିକସ ରାଜସ୍ୱ | 14647.20 | 19518.06 | 44585.01 | 48200.00 |
| | **ମୋଟ ନିଜ ରାଜସ୍ୱ (a+b)** | **46962.37** | **53776.23** | **86052.01** | **94200.00** |
| | କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ | 30453.27 | 27542.67 | 33696.67 | 36977.88 |
| | ସହାୟକ ଅନୁଦାନ | 24152.10 | 23068.35 | 21646.98 | 32788.64 |
| | **ମୋଟ କେନ୍ଦ୍ରୀୟ ହସ୍ତାନ୍ତର (c+d)** | **54605.37** | **50611.02** | **55343.65** | **69766.52** |
| **2** | **ପୁଞ୍ଜି ପ୍ରାପ୍ତି (a+b+c)** | **23599.88** | **19721.90** | **23604.00** | **36033.48** |
| | ଋଣ ଅସୁଲ | 287.16 | 684.22 | 1395.00 | 444.48 |
| | ଅନ୍ୟାନ୍ୟ ପ୍ରାପ୍ତି | 0.00 | 0.00 | 0.00 | 0.00 |
| | ଋଣ ଏବଂ ଅନ୍ୟାନ୍ୟ ଦାୟିତ୍ୱ | 23312.72 | 19037.68 | 22209.00 | 35589.00 |
| **3** | **ମୋଟ ପ୍ରାପ୍ତି (1+2)** | **125167.63** | **124109.14** | **164999.66** | **200000.00** |
| **4** | **ମୋଟ ବ୍ୟୟ (5+6)** | **125167.63** | **124109.14** | **164999.66** | **200000.00** |
| **5** | **ରାଜସ୍ୱ ବ୍ୟୟ (ତନ୍ମଧ୍ୟରୁ)** | **99137.30** | **95310.85** | **120365.11** | **145727.29** |
| | a. ସୁଧ ପରିଶୋଧ | 6062.56 | 6643.79 | 8030.00 | 8467.00 |
| **6** | **ପୁଞ୍ଜି ବ୍ୟୟ( *ତନ୍ମଧ୍ୟରୁ*)** | **26030.33** | **28798.29** | **44634.55** | **54272.71** |
| | a. ଋଣ ପରିଶୋଧ | 4493.75 | 9252.14 | 19753.66 | 14001.35 |
| **7** | **ବଳକା ରାଜସ୍ୱ (1-5)** | **2430.45** | **9076.39** | **21030.55** | **18239.23** |
| | *ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ ର ପ୍ରତିଶତ* | *0.44* | *1.67* | *3.29* | *2.54* |
| **8** | **ବଳକା ବିତ୍ତ [(1+2a+2b)-4]** | **-18818.97** | **-9785.54** | **-2455.3385** | **-21587.65** |
| | *ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ ର ପ୍ରତିଶତ* | *-3.44* | *-1.80* | *-0.38* | *-3.00* |
| **9** | **ପ୍ରାଥମିକ ବଳକା [8+5a]** | **-12756.41** | **-3141.75** | **5574.66** | **-13120.65** |
| | *ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ ର ପ୍ରତିଶତ* | *-2.33* | *-0.58* | *0.87* | *-1.82* |

## 6. ରାଜସ୍ୱ ପ୍ରାପ୍ତିର ବିଶ୍ଳେଷଣ


**ସାରଣୀ ୭: ରାଜ୍ୟର ରାଜସ୍ୱ ପ୍ରାପ୍ତି ଉପାଦାନଗୁଡ଼ିକ (ରାଜସ୍ୱ ପ୍ରାପ୍ତିର ପ୍ରତିଶତ ହିସାବରେ)**

| ବର୍ଷ | ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ | ରାଜ୍ୟର ନିଜସ୍ୱ ଅଣ-ଟିକସ ରାଜସ୍ୱ | ରାଜ୍ୟର ନିଜସ୍ୱ ରାଜସ୍ୱ | କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ | କେନ୍ଦ୍ରୀୟ ଅନୁଦାନ | ସମୁଦାୟ କେନ୍ଦ୍ରୀୟ ସ୍ଥାନାନ୍ତର |
|---|---|---|---|---|---|---|
| **2016-17** | 30.76 | 10.83 | 41.58 | **38.12** | **20.30** | **58.42** |
| **2017-18** | 32.76 | 9.86 | 42.62 | **36.70** | **20.68** | **57.38** |
| **2018-19** | 30.46 | 14.34 | 44.80 | **35.51** | **19.69** | **55.20** |
| **2019-20** | 31.82 | 14.42 | 46.24 | **29.98** | **23.78** | **53.76** |
| **2020-21** | 32.82 | 18.70 | 51.52 | **26.39** | **22.10** | **48.48** |
| **2021-22 (RE)** | 29.33 | 31.53 | 60.86 | **23.83** | **15.31** | **39.14** |
| **2022-23 (BE)** | 28.05 | 29.40 | 57.45 | **22.55** | **20.00** | **42.55** |

*ବି.ଦ୍ର.:* RE: ସଂଶୋଧିତ ଅଟକଳ ଏବଂ BE: ବଜେଟ୍ ଅଟକଳ


- ରାଜ୍ୟର ମୋଟ ରାଜସ୍ୱ ପ୍ରାପ୍ତି ରାଜ୍ୟର ଟିକସ ରାଜସ୍ୱ, ରାଜ୍ୟର ଅଣ-ଟିକସ ରାଜସ୍ୱ, କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ଏବଂ କେନ୍ଦ୍ରୀୟ ଅନୁଦାନ ଥାଏ ।
- 2021-22 (ସଂଶୋଧିତ ଅଟକଳ) ରେ ମୋଟ ରାଜସ୍ୱ ପ୍ରାପ୍ତିରେ ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ 29.33 ପ୍ରତିଶତ ଥିଲାବେଳେ 2022-23 (ବଜେଟ ଅଟକଳ) ରେ ଏହା 28.05 ପ୍ରତିଶତ ରହିଛି।
- 2021-22 (ସଂଶୋଧିତ ଅଟକଳ) ରେ ମୋଟ ରାଜସ୍ୱ ପ୍ରାପ୍ତିରେ ରାଜ୍ୟର ନିଜସ୍ୱ ଅଣ-ଟିକସ ରାଜସ୍ୱ 31.53 ପ୍ରତିଶତ ଥିଲାବେଳେ 2022-23 (ବଜେଟ ଅଟକଳ) ରେ ଏହା 29.40 ପ୍ରତିଶତ ରହିଛି।
- ମୋଟ ରାଜସ୍ୱ ପ୍ରାପ୍ତିରେ ରାଜ୍ୟର ନିଜସ୍ୱ ରାଜସ୍ୱ (ଉଭୟ ଟିକସ ଏବଂ ଅଣ- ଟିକସ) 2021-22 (ସଂଶୋଧିତ ଅଟକଳ) ରେ 60.86 ପ୍ରତିଶତ ଥିଲାବେଳେ 2022-23 (ବଜେଟ ଅଟକଳ) ରେ ଏହା 57.45 ପ୍ରତିଶତ ରହିଛି।
- ମୋଟ ରାଜସ୍ୱ ପ୍ରାପ୍ତିରେ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ 2021-22 (ସଂଶୋଧିତ ଅଟକଳ) ରେ 23.83 ପ୍ରତିଶତ ଥିଲାବେଳେ 2022-23 (ବଜେଟ ଅଟକଳ) ରେ ଏହା 22.55 ପ୍ରତିଶତ ରହିଛି।
- ମୋଟ ରାଜସ୍ୱ ପ୍ରାପ୍ତିରେ କେନ୍ଦ୍ରୀୟ ଅନୁଦାନ 2021-22 (ସଂଶୋଧିତ ଅଟକଳ) ରେ 15.31 ପ୍ରତିଶତ ଥିଲାବେଳେ 2022-23 (ବଜେଟ ଅଟକଳ) ରେ ଏହା 20 ପ୍ରତିଶତ ରହିଛି।

### ଚାର୍ଟ 4: ରାଜ୍ୟ ରାଜସ୍ୱର ଉପାଦାନ (ରାଜସ୍ୱ ପ୍ରାପ୍ତିର ପ୍ରତିଶତ ହିସାବରେ)





- 2022-23 (ବଜେଟ୍ ଅଟକଳ) ରେ ରାଜସ୍ୱ ପ୍ରାପ୍ତିରେ ରାଜ୍ୟର ନିଜସ୍ୱ ରାଜସ୍ୱ, କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ଏବଂ କେନ୍ଦ୍ରୀୟ ଅନୁଦାନର ଭାଗ ଯଥାକ୍ରମେ 57%, 23% ଏବଂ 20% ବୋଲି ଆକଳିତ ହୋଇଛି ।
- କିନ୍ତୁ, କେନ୍ଦ୍ରୀୟ ଟିକସରେ ରାଜ୍ୟର  ଅଂଶ 2021-22(ବଜେଟ୍ ଅଟକଳ)ରେ 24% ଥିବା ବେଳେ 2022-23 ଆର୍ଥିକ ବର୍ଷ (ବଜେଟ୍ ଅଟକଳ)ରେ 22% କୁ ହ୍ରାସ ପାଇଛି ।

### ଚାର୍ଟ 5: ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ , 2022-23 (ବଜେଟ ଅଟକଳ)




### ଚାର୍ଟ 6: ରାଜ୍ୟର ନିଜସ୍ୱ ଅଣ-ଟିକସ ରାଜସ୍ୱ, 2022-23 (ବଜେଟ ଅଟକଳ)




## 7. ବ୍ୟୟର ବିଶ୍ଳେଷଣ


### ଚାର୍ଟ 7: ବଜେଟ୍ ଆକାରର ଧାରା (GSDPର ପ୍ରତିଶତ ହିସାବରେ)




(ବି.ଦ୍ର. : ସର୍ବଶେଷ GSDP ତଥ୍ୟ ଏହି ଭଳି ଭାବେ ଉପସ୍ଥାପିତ: 2018-19 (ତୃତୀୟ ସଂଶୋଧିତ ଅଟକଳ), 2019-20 (ଦ୍ୱିତୀୟ ସଂଶୋଧିତ ଅଟକଳ), 2020-21 (ପ୍ରଥମ ସଂଶୋଧିତ ଅଟକଳ), 2021-22 (ଅଗ୍ରୀମ), ଏବଂ 2022-23 (ବଜେଟ ଅଟକଳ) ଏବଂ ଅବଶିଷ୍ଟ GSDP ସଂଖ୍ୟାଗୁଡିକ ବାସ୍ତବ ଅଟେ। ବଜେଟ୍ ର ତଥ୍ୟ ହେଉଛି- 2021-22 (ସଂଶୋଧିତ ଅଟକଳ) ଏବଂ 2022-23 (ବଜେଟ ଅଟକଳ) ଏବଂ ଅବଶିଷ୍ଟ ତଥ୍ୟ ହେଉଛି ବାସ୍ତବ)

2022-23 ଆର୍ଥିକ ବର୍ଷ (ବଜେଟ୍ ଅଟକଳ) ରେ ମୋଟ ବ୍ୟୟ ବରାଦ, ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର 27.8% ଅଟେ, ଯାହାକି 2021-22 ଆର୍ଥିକ ବର୍ଷ (ସଂଶୋଧିତ ଅଟକଳ)ତୁଳନାରେ 25.8% ଅଭିବୃଦ୍ଧି ଅଟେ।


**ଚାର୍ଟ 8: ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚ (ବଜେଟ୍ ଆକାରର ପ୍ରତିଶତ ହିସାବରେ)**




*(ବି.ଦ୍ର: ବେତନ, ଭତ୍ତା ଓ ସୁଧ ପରିଶୋଧ ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚ ମଧ୍ୟରେ ଅନ୍ତର୍ଭୁକ୍ତ)*


2022-23 ବଜେଟ୍ ଅଟକଳରେ ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚ ମୋଟ ବ୍ୟୟ ବରାଦର 27.97% ଯାହାକି ଆର୍ଥିକ ବର୍ଷ 2021-22 (ସଂଶୋଧିତ ଅଟକଳ) ରେ 29.26% ଥିଲା । ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚର ଦୁଇଟି ଉପାଦାନ (ପେନ୍‌ସନ୍ ଓ ବେତନ) ଏହି ଆର୍ଥିକ ବର୍ଷରେ ପୂର୍ବ ବର୍ଷ ତୁଳନାରେ କମ୍ ହେବାର ଆକଳନ କରାଯାଉଥିବାବେଳେ ସମାନ ଅବଧିରେ ସୁଧ ଦେୟରେ ବୃଦ୍ଧି ଘଟିଛି । (ଚାର୍ଟ 8)

**ଚାର୍ଟ 9: ସାମାଜିକ, ଅର୍ଥନୈତିକ ଏବଂ ସାଧାରଣ ସେବା ବ୍ୟୟ (ବଜେଟ୍ ଆକାରର ପ୍ରତିଶତ ହିସାବରେ)**




2022-23 (ବଜେଟ୍ ଅଟକଳ) ରେ ସାମାଜିକ, ଅର୍ଥନୈତିକ ଏବଂ ସାଧାରଣ ସେବା (ମୋଟ ବଜେଟ୍ ଆକାରର ପ୍ରତିଶତ ଭାବେ) ନିମନ୍ତେ ଯଥାକ୍ରମେ 33.98%, 32.08% ଏବଂ 25.32% ବ୍ୟୟବରାଦ ହୋଇଛି । (ଚାର୍ଟ 9)

**ଚାର୍ଟ 10: Gender, Nutrition,Child ଲାଗି ମୋଟ ବ୍ୟୟ ବରାଦ (କୋଟି ଟଙ୍କା ରେ )**





2022-23 (ବଜେଟ୍ ଅଟକଳ) ରେ Gender, Nutrtion ଓ Child ନିମନ୍ତେ ଯଥାକ୍ରମେ 56,846 କୋଟି ଟଙ୍କା, 41,239 କୋଟି ଟଙ୍କା ଏବଂ27,246 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । (ଚାର୍ଟ 10)

## 8. ଆର୍ଥିକ ବର୍ଷ 2022-23 ରେ ବିଭାଗୱାରୀ ବ୍ୟୟ ବରାଦ

2021-22(ବଜେଟ୍ ଅଟକଳ) ରେ ପଞ୍ଚାୟତିରାଜ ବିଭାଗକୁ ସର୍ବାଧିକ ବ୍ୟୟବରାଦ 10.87 ପ୍ରତିଶତ କରାଯାଇଥିବା ସ୍ଥଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ 10.32 ପ୍ରତିଶତ, କୃଷି ଓ ଆନୁସଙ୍ଗିକ କ୍ଷେତ୍ରକୁ 9.99 ପ୍ରତିଶତ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ 6.17 ପ୍ରତିଶତ ପ୍ରଦାନ କରାଯାଇଛି (ଚାର୍ଟ 11)। ବିଭାଗଗୁଡିକୁ ସମ୍ବଳ ଆବଣ୍ଟନର ବ୍ୟବସ୍ଥା ଯଥା- ପ୍ରଶାସନିକ ଖର୍ଚ୍ଚ, କାର୍ଯ୍ୟକ୍ରମ ଖର୍ଚ୍ଚ, ବିପର୍ଯ୍ୟୟ ମୁକାବିଲା ପାଣ୍ଠି ଓ ରାଜ୍ୟରୁ ହସ୍ତାନ୍ତର ସାରଣୀ-A3 ରେ ଉପସ୍ଥାପନ କରାଯାଇଛି ।

**ଚାର୍ଟ 11: 2022-23 ଆର୍ଥିକ ବର୍ଷରେ ମୋଟ ବଜେଟରେ ଶୀର୍ଷ ଦଶଟି ବିଭାଗର ଅଂଶ**




(ବି.ଦ୍ର. : କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପରେ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ଜଳ ସମ୍ପଦ ବିଭାଗ, ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ଓ ସମବାୟ ବିଭାଗ ଅନ୍ତର୍ଭୁକ୍ତ)


- ଶୀର୍ଷ 10ଟି ବିଭାଗ ପାଇଁ ବ୍ୟୟବରାଦ ମୋଟ ବ୍ୟୟବରାଦର 55.8% ପ୍ରତିଶତ ଅଟେ । ଏହି ବିଭାଗମାନେ ମୁଖ୍ୟତଃ ସାମାଜିକ ଓ ଅର୍ଥନୈତିକ ସେବା କ୍ଷେତ୍ର ସହ ଜଡିତ। ଅନ୍ୟ ବିଭାଗ ଗୁଡିକ ଭାଗ ମୋଟ ବ୍ୟୟବରାଦର 44.2% ଅଟେ ଯାହା ମଧ୍ୟରୁ କେବଳ ଅର୍ଥ ବିଭାଗର ଭାଗ 29.28%[3] ଅଟେ।
- ମୋଟ ବଜେଟ୍ ବ୍ୟୟବରାଦରେ ପ୍ରମୁଖ 5, 10 ଓ 15 ଟି ବିଭାଗର ଭାଗ ଯଥାକ୍ରମେ 41.55%, 55.8% ଓ 63.85% ଅଟେ ।

## 9. ବ୍ୟୟବରାଦ ପାଇଁ ପୁଞ୍ଜି


2022-23 (ବଜେଟ୍ ଅଟକଳ) ରେ ଆକଳନ କରାଯାଇଥିବା ବ୍ୟୟବରାଦ ମୁଖ୍ୟତଃ ରାଜସ୍ୱ ପ୍ରାପ୍ତିରୁ 82% ଓ ଅବଶିଷ୍ଟ 18% ପୁଞ୍ଜି ପ୍ରାପ୍ତିରୁ ହାସଲ କରାଯିବ । ଆର୍ଥିକ ବର୍ଷ 2019-20 ରୁ 2022-23 ପର୍ଯ୍ୟନ୍ତ ବଜେଟ୍ ଅଟକଳରେ ମୁଖ୍ୟ Financing Outlaysର ଭାଗ (GSDPର ପ୍ରତିଶତ ହିସାବରେ) ଚାର୍ଟ-12 ରେ ଦର୍ଶାଯାଇଛି ।

[3]ଅର୍ଥ ବିଭାଗ ପାଇଁ 2022-23 ଆର୍ଥିକ ବର୍ଷରେ 58,555.78 କୋଟି ଟଙ୍କା ନିଟ ବ୍ୟୟ ବରାଦ କରାଯାଇଛି। ମୁଖ୍ୟତଃ ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚ ଯଥା ପେନସନ, ଋଣ ପରିଶୋଧ, ସୁଧ ପ୍ରଦାନ ଆଦି ଏହି ବ୍ୟୟ ବରାଦରେ ଅନ୍ତର୍ଭୁକ୍ତ।

**ଚାର୍ଟ 12: Key Financing Outlays Ratios (% of GSDP)**





**ଚାର୍ଟ 13: ନିଅଣ୍ଟ / ବଳକା ସୂଚକାଙ୍କ (GSDP ର ପ୍ରତିଶତ ହିସାବରେ)**




2022-23 (ବଜେଟ୍ ଅଟକଳ)ରେ ଓଡିଶାର ବିତ୍ତୀୟ ନିଅଣ୍ଟ (Fiscal Deifict) 21,587 କୋଟି ଟଙ୍କା (GSDP ର 3.00%) ଆକଳନ କରାଯାଇଛି ଯାହାକି 2021-22 ସଂଶୋଧିତ ଅଟକଳରେ 2,455 କୋଟି ଟଙ୍କା ଥିଲା (GSDP ର 0.38%) ଥିଲା । 2022-23 (ବଜେଟ୍ ଅଟକଳ) ରେ ରାଜସ୍ୱ ବଳକା (Revenue Surplus)

18,239 କୋଟି ଟଙ୍କା (GSDP ର 2.54%) ଆକଳନ କରାଯାଇଛି ଯାହାକି 2021-22 (ସଂଶୋଧିତ ଅଟକଳ) ରେ 21,030 କୋଟି ଟଙ୍କା (GSDP ର 3.29%) ଥିଲା । (ଚାର୍ଟ-13)

**ଚାର୍ଟ 14: ରାଜ୍ୟର ଋଣ ଧାରଣ କ୍ଷମତା**




2011-12 ରୁ 2022-23 ମଧ୍ୟରେ ବକେୟା ଋଣ GSDP ର ପ୍ରାୟ 15 ପ୍ରତିଶତ ରହୁଛି। ସମାନ ଅବଧିରେ ସୁଧ ଦେୟ ରାଜସ୍ୱ ପ୍ରାପ୍ତିର ପ୍ରାୟ 5 ପ୍ରତିଶତ ରହୁଛି। (ଚାର୍ଟ 14)

**2022-23 ପାଇଁ FRBM**

- ରାଜସ୍ୱ ବଳକା GSDPର 2.5 ପ୍ରତିଶତ ରହିବାର ଆକଳନ କରାଯାଇଛି ଯାହାକି FRBM ର ଶୂନ୍ୟ ରାଜସ୍ୱ ନିଅଣ୍ଟ ଲକ୍ଷ୍ୟକୁ ହାସଲ କରୁଛି
- ବିତ୍ତୀୟ ନିଅଣ୍ଟକୁ GSDP ର 3.00 ପ୍ରତିଶତ ଆକଳନ କରାଯାଇଛି
- ରାଜସ୍ୱ ପ୍ରାପ୍ତିରେ ଋଣ ପରିଶୋଧର ଭାଗ(IP/RR) ର ଲକ୍ଷ୍ୟ GSDPର 5.16% ରଖାଯାଇଛି ଯାହାକି FRBM ଦ୍ୱାରା ଧାର୍ଯ୍ୟ କରାଯାଇଥିବା 15% ସୀମା ମଧ୍ୟରେ ଅଛି
- ବକେୟା ଋଣ GSDPର ପ୍ରତିଶତ ହିସାବରେ 2022-23 ଆର୍ଥିକ ବର୍ଷ ଶେଷ ସୁଦ୍ଧା 15.62% ଆକଳନ କରାଯାଇଛି ଯାହାକି FRBM ଦ୍ୱାରା ଧାର୍ଯ୍ୟ କରାଯାଇଥିବା 25% ସୀମା ମଧ୍ୟରେ ଅଛି
- ଆର୍ଥିକ ବର୍ଷ 2022-23 ର ବଜେଟ୍ FRBM ଅଧିନିୟମ ଅନୁପାଳନ କରୁଛି

## 10. ଦାବୀ ଅନୁଯାୟୀ ବଜେଟ ଅନୁମୋଦନ

**ସାରଣୀ -3: (2022-23 ବଜେଟ୍ ଅଟକଳରେ ବିଭାଗୱାରୀ ନିଟ୍ ବ୍ୟୟ ବରାଦ -କୋଟି ଟଙ୍କାରେ)**

| ଦାବୀ ନଂ. | ବିଭାଗ | ପ୍ରଶାସନିକ ଖର୍ଚ୍ଚ | କାର୍ଯ୍ୟକ୍ରମ ଖର୍ଚ୍ଚ | ରାଜ୍ୟରୁ ହସ୍ତାନ୍ତର | ବିପର୍ଯ୍ୟୟ ମୁକାବିଲା ପାଣ୍ଠି | ସର୍ବ ମୋଟ |
|---|---|---|---|---|---|---|
| 1 | ସ୍ୱରାଷ୍ଟ୍ର ବିଭାଗ | 5,435.10 | 974.46 | | | 6,409.56 |
| 2 | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ | 320.95 | 213.18 | | | 534.13 |
| 3 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | 1,134.97 | 376.30 | | | 1,511.26 |
| 4 | ଆଇନ ବିଭାଗ | 572.35 | 35.25 | | | 607.60 |
| 5 | ଅର୍ଥ ବିଭାଗ | 53,815.78 | 4,740.00 | | | 58,555.78 |
| 6 | ବାଣିଜ୍ୟ ବିଭାଗ | 86.98 | 96.61 | | | 183.59 |
| 7 | ନିର୍ମାଣ ବିଭାଗ | 1,949.66 | 6,433.26 | | | 8,382.93 |
| 8 | ଓଡିଶା ବିଧାନସଭା | 187.84 | 0.00 | | | 187.84 |
| 9 | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | 85.91 | 1,119.45 | | | 1,205.35 |
| 10 | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | 12,578.88 | 8,057.22 | | | 20,636.10 |
| 11 | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ | 991.49 | 3,100.49 | | | 4,091.99 |
| 12 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | 3,304.34 | 9,038.11 | | | 12,342.46 |
| 13 | ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ | 666.08 | 4,122.98 | | 2,468.50 | 7,257.56 |
| 14 | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | 123.24 | 72.21 | | | 195.45 |
| 15 | କ୍ରୀଡା ଓ ଯୁବ ସେବା ବିଭାଗ | 58.78 | 852.09 | | | 910.87 |
| 16 | ଯୋଜନା ଓ ସଂଯୋଜନା ବିଭାଗ | 51.23 | 2,983.57 | | | 3,034.80 |
| 17 | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ | 436.16 | 16,573.79 | | 4,731.50 | 21,741.44 |
| 18 | ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ ବିଭାଗ | 2.21 | 0.00 | | | 2.21 |
| 19 | ଶିଳ୍ପ ବିଭାଗ | 6.40 | 640.00 | | | 646.40 |
| 20 | ଜଳ ସମ୍ପଦ ବିଭାଗ | 1,521.94 | 8,523.02 | | | 10,044.96 |
| 21 | ପରିବହନ ବିଭାଗ | 104.71 | 1,087.64 | | | 1,192.35 |
| 22 | ଜଙ୍ଗଲ ଓ  ପରିବେଶ ବିଭାଗ | 576.31 | 535.56 | | | 1,111.87 |
| 23 | କୃଷି ଓ କୃଷକ ସଶକ୍ତିକରଣ ବିଭାଗ | 993.21 | 5,452.91 | | | 6,446.12 |
| 24 | ଇସ୍ପାତ ଓ ଖଣି ବିଭାଗ | 67.05 | 115.77 | | | 182.82 |
| 25 | ସୂଚନା ଓ ଲୋକ ସଂପର୍କ ବିଭାଗ | 64.79 | 64.60 | | | 129.39 |

| ଦାବୀ ନଂ. | ବିଭାଗ | ପ୍ରଶାସନିକ ଖର୍ଚ୍ଚ | କାର୍ଯ୍ୟକ୍ରମ ଖର୍ଚ୍ଚ | ରାଜ୍ୟରୁ ହସ୍ତାନ୍ତର | ବିପର୍ଯ୍ୟୟ ମୁକାବିଲା ପାଣ୍ଠି | ସର୍ବ ମୋଟ |
|---|---|---|---|---|---|---|
| **26** | ଅବକାରୀ ବିଭାଗ | 118.21 | 40.00 | | | 158.21 |
| **27** | ବିଜ୍ଞାନ ଓ ବୈଷୟିକ ବିଭାଗ | 10.25 | 176.39 | | | 186.64 |
| **28** | ଗ୍ରାମ୍ୟ ଉନ୍ନୟନ ବିଭାଗ | 1,483.96 | 5,482.68 | | | 6,966.64 |
| **29** | ସଂସଦୀୟ ବ୍ୟାପାର ବିଭାଗ | 70.65 | 13.24 | | | 83.89 |
| **30** | ଶକ୍ତି ବିଭାଗ | 43.58 | 3,438.90 | | | 3,482.48 |
| **31** | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ | 70.21 | 132.93 | | | 203.15 |
| **32** | ପର୍ଯ୍ୟଟନ ବିଭାଗ | 16.21 | 574.04 | | | 590.24 |
| **33** | ମତ୍ସ୍ୟ ଓ ପଶୁସମ୍ପଦ ଉନ୍ନୟନ ବିଭାଗ | 479.12 | 1,178.42 | | | 1,657.54 |
| **34** | ସମବାୟ ବିଭାଗ | 141.14 | 1,700.00 | | | 1,841.14 |
| **35** | ସରକାର ଉଦ୍ୟୋଗ ବିଭାଗ | 4.85 | 5.50 | | | 10.35 |
| **36** | ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ | 27.72 | 3,538.90 | | | 3,566.62 |
| **37** | ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ | 6.43 | 295.18 | | | 301.61 |
| **38** | ଉଚ୍ଚଶିକ୍ଷା ବିଭାଗ | 1,304.14 | 1,531.93 | | | 2,836.07 |
| **39** | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | 452.16 | 358.52 | | | 810.68 |
| **40** | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | 74.26 | 548.40 | | | 622.66 |
| **41** | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ | 84.48 | 3,621.12 | | | 3,705.61 |
| **42** | ବିପର୍ଯ୍ୟୟ ପରିଚାଳନା ବିଭାଗ | 31.41 | 20.96 | 3,210.00 | | 3,262.37 |
| **43** | ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | 32.88 | 136.40 | | | 169.28 |
| **44** | ମିଶନ ଶକ୍ତି | 2.00 | 1,998.00 | | | 2,000.00 |
| | **ସର୍ବମୋଟ** | **89,590.00** | **100,000.00** | **3,210.00** | **7,200.00** | **200,000.00** |

#

## 11. ବଜେଟ୍‌ରେ ବ୍ୟବହୃତ ଶବ୍ଦାବଳୀ

### ମୂଳ ମୂଲ୍ୟସୂଚୀରେ ସାମଗ୍ରିକ ରାଜ୍ୟ ମୂଲ୍ୟଯୁକ୍ତ (Gross State Value Added at Basic Prices)

ଉତ୍ପାଦନର ମୂଲ୍ୟରୁ ମଧ୍ୟବର୍ତ୍ତୀ ଉପଯୋଗକୁ ବାଦ ଦେଲେ ତାହା Gross State Value Added ବୋଲି ବିବେଚନା କରାଯାଏ । ଏହା ଉତ୍ପାଦନ ପ୍ରକ୍ରିୟାରେ ଶ୍ରମ ଓ ପୁଞ୍ଜିର ଯୋଗଦାନକୁ ବୁଝାଏ । ଯେତେବେଳେ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟରୁ ସରକାରୀ ପ୍ରୋତ୍ସାହନକୁ ବାଦ ଦେଇ ଟିକସ ଯୋଡାଯାଏ ତାହା ସାମଗ୍ରିକ ଘରୋଇ ଉତ୍ପାଦ ଭାବେ ଗଣନା କରାଯାଏ ।

### ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦ (GSDP)

ଏକ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟର ପରିସୀମା ମଧ୍ୟରେ ଉତ୍ପନ୍ନ ହୋଇଥିବା ସମସ୍ତ ଦ୍ରବ୍ୟ ଓ ସେବାର ପରିମାଣର ଆର୍ଥିକ ପରିମାପକୁ ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦ କୁହାଯାଏ । ଏହା ରାଜ୍ୟର ଆୟର ପରିମାପକ ।

### ବଜେଟ

**ଭାରତୀୟ ସମ୍ବିଧାନର ଧାରା 202(1)** ଅନୁସାରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ରାଜ୍ୟପାଳ ରାଜ୍ୟର ଆନୁମାନିକ ଆୟବ୍ୟୟର ବିବରଣୀ ବିଧାନସଭାରେ ଉପସ୍ଥାପନ କରିବା ବିଧେୟ । ଉକ୍ତ ବାର୍ଷିକ ଆୟ ବ୍ୟୟ ବିବରଣୀହିଁ ଆର୍ଥିକ ବର୍ଷ ପାଇଁ "ବାର୍ଷିକ ଆର୍ଥିକ ବିବରଣୀ" ଭାବରେ ନାମିତ; ଯାହାକି ସାଧାରଣତଃ "ବଜେଟ" ଭାବେ ଅଭିହିତ ।

### ବାର୍ଷିକ ଆର୍ଥିକ ବିବରଣୀ (Annual Financial Statement)

ଏହି ବିବରଣୀରେ ସରକାରଙ୍କର ଆସନ୍ତା ଆର୍ଥିକ ବର୍ଷରେ ଆୟ ଓ ବ୍ୟୟର ସଂକ୍ଷିପ୍ତ ସାରାଂଶ ବିଧାନସଭାରେ ଉପସ୍ଥାପନ କରାଯାଏ ।

### ଅନୁଦାନ ଦାବି (Demand for Grants)

ଅନୁଦାନ ଦାବି ବିଭାଗୱାରୀ ଖର୍ଚ୍ଚଦାବିର କେବଳ ମୁଖ୍ୟ ଓ ଗୌଣଶୀର୍ଷ ପର୍ଯ୍ୟନ୍ତ ଦର୍ଶାଇ ଥାଏ । ବିଭିନ୍ନ ବିଭାଗ ନିମନ୍ତେ ଅନୁଦାନ ଦାବି ସଂପୃକ୍ତ ବିଭାଗର ଯୋଜନା ଓ କାର୍ଯ୍ୟକ୍ରମର ବିସ୍ତୃତ ତଥ୍ୟ ପ୍ରଦାନ କରିଥାଏ ।

### ସଞ୍ଚିତ ନିଧି (Consolidated Fund)

**ଭାରତୀୟ ସମ୍ବିଧାନର ଧାରା 266(1)** ଅନୁସାରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କର ସମସ୍ତ ଉତ୍ସରୁ ପ୍ରାପ୍ତି ଅର୍ଥ, Bond ଜରିଆରେ ପ୍ରାପ୍ତ ଋଣ, ସାଧନୋପାୟ ଅଗ୍ରୀମ ମାଧ୍ୟମରେ ପ୍ରାପ୍ତ ଋଣ ଏବଂ ଋଣର ପରିଶୋଧଜନିତ ପ୍ରାପ୍ତ ଅର୍ଥ ସଞ୍ଚିତ ନିଧିରେ ଜମା ହୋଇଥାଏ । ଭାରତୀୟ ସମ୍ବିଧାନର ଧାରା 266(3) ଅନୁସାରେ ଭାରତର ସଞ୍ଚିତ ନିଧିରେ କିମ୍ବା କୌଣସି ଏକ ରାଜ୍ୟର ସଞ୍ଚିତ ନିଧିରୁ ଅର୍ଥ ସମ୍ବିଧାନରେ ନିର୍ଦ୍ଦେଶିତ ବ୍ୟବସ୍ଥା, ଆଇନ ଓ ଯେଉଁ ଉଦ୍ଦେଶ୍ୟରେ ଖର୍ଚ୍ଚ ହେବା କଥା ତାହା ବ୍ୟତିରେକ ଖର୍ଚ୍ଚ କରାଯାଇପାରିବ ନାହିଁ । ଏହି ସଞ୍ଚିତ ନିଧି ରାଜସ୍ୱ ପ୍ରାପ୍ତି, ପୁଞ୍ଜି ପ୍ରାପ୍ତି, ରାଜସ୍ୱ ଖର୍ଚ୍ଚ ଓ ପୁଞ୍ଜି ଖର୍ଚ୍ଚର ସମାହାର ଅଟେ ।

### ଆକସ୍ମିକତା ନିଧି (Contingency Fund)

**ଭାରତୀୟ ସମ୍ବିଧାନର ଧାରା 267(2)** ଅନୁସାରେ ଜରୁରୀ ଓ ଅଦୃଷ୍ଟପୂର୍ବ ବ୍ୟୟ ନିମିତ୍ତ ଆବଶ୍ୟକତା ପୂରଣ କରିବା ପାଇଁ ଆକସ୍ମିକତା ନିଧିର ବ୍ୟବସ୍ଥା କରାଯାଇଛି । ଏହି ପାଣ୍ଠି ରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ଅଗ୍ରୀମ ନିଆଯାଇ ଜରୁରୀ ବ୍ୟୟ କରାଯାଇଥାଏ ଯାହାପାଇଁ ପରବର୍ତ୍ତୀ ସମୟରେ ଅତିରିକ୍ତ ବ୍ୟୟ ଦାବିଲାଗି ବିଧାନସଭାର ଅନୁମୋଦନ ଅଣାଯାଇଥାଏ ।

**ସାର୍ବଜନିକ ହିସାବ (Public Accounts)**

**ଭାରତୀୟ ସମ୍ବିଧାନର ଧାରା 266(2)** ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ବା ସରକାରଙ୍କ ତରଫରୁ ପ୍ରାପ୍ତ ଅନ୍ୟ ସମସ୍ତ ସାଧାରଣ ଅର୍ଥ ଯାହା ସଞ୍ଚିତ ନିଧିରେ ଜମା ହୋଇପାରିବ ନାହିଁ , ତାହା ରାଜ୍ୟର ସାର୍ବଜନିକ ହିସାବରେ ଜମା କରାଯାଏ । ସାର୍ବଜନିକ ହିସାବ ଅଧିନରେ ମୁଖ୍ୟତଃ 5 ଟି ପାଣ୍ଠି ଯଥା- (କ) ସ୍ୱଳ୍ପ ସଂଚୟ, ରାଜ୍ୟ ଭବିଷ୍ୟନିଧି (ଖ) ରାଜସ୍ୱରୁ ବିନିଯୁକ୍ତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଭିନ୍ନ ସଂରକ୍ଷିତ ପାଣ୍ଠି (ଗ) ବିବିଧ ଜମା ଏବଂ ଅଗ୍ରୀମ (ଘ) Suspense ଓ ବିବିଧ ହିସାବ (ଙ) Remittances ଅନ୍ତର୍ଭୁକ୍ତ । ସରକାରୀ ହିସାବରୁ ଆବଶ୍ୟକ ମତେ ଯେତେବେଳେ ଯାହା ଦରକାର ବ୍ୟୟ କରାଯାଏ ଏବଂ ଏଥି ନିମିତ୍ତ ବିଧାନସଭାରେ ବ୍ୟୟ ଦାବୀ ଉପସ୍ଥାପିତ କରିବାର ଆବଶ୍ୟକତା ନାହିଁ । ଏହି ଦେୟ ବ୍ୟାଙ୍କର ନେଣଦେଣ ଭଳି କାର୍ଯ୍ୟକାରୀ ହୁଏ ।

**ରାଜସ୍ୱ ପ୍ରାପ୍ତି**

ସରକାରଙ୍କର ରାଜସ୍ୱ ପ୍ରାପ୍ତି ମୁଖ୍ୟତଃ ରାଜ୍ୟର ନିଜ ରାଜସ୍ୱ ଏବଂ କେନ୍ଦ୍ର ସରକାରଙ୍କଠାରୁ ପ୍ରାପ୍ତିକୁ ବୁଝାଏ । ରାଜ୍ୟର ନିଜ ଟିକସ ଏବଂ ରାଜ୍ୟର ନିଜ ଅଣଟିକସ ରାଜସ୍ୱର ସମଷ୍ଟିକୁ ରାଜ୍ୟର ନିଜ ରାଜସ୍ୱ କୁହାଯାଏ ।

ରାଜ୍ୟର ନିଜ ଟିକସର ମୁଖ୍ୟ ଉତ୍ସ ଗୁଡିକ ହେଲା ଓଡିଶା ଦ୍ରବ୍ୟ ଓ ସେବା କର, ରାଜ୍ୟ ଅବକାରୀ ଶୁଳ୍କ, ନିବନ୍ଧନ ଶୁଳ୍କ (Stamps & Registration Fee) , ଭୂ-ରାଜସ୍ୱ, ମୋଟର ଯାନ କର, ବିଦ୍ୟୁତ ଶୁଳ୍କ ଓ ବୃତ୍ତି କର ଇତ୍ୟାଦି ।

ରାଜ୍ୟର ନିଜ ଅଣଟିକସ ରାଜସ୍ୱର ମୂଖ୍ୟ ଉତ୍ସ ଗୁଡିକ ହେଲା ଅଣ-ଲୌହ ଓ ଧାତବ ଶିଳ୍ପ ରୁ ରାଜସ୍ୱ, ସରକାରୀ ଉଦ୍ୟୋଗରେ ଅଂଶ ପୁଞ୍ଜି ବିନିଯୋଗରୁ ଲାଭାଂଶ, ବିଭିନ୍ନ ନିଗମ, ସମବାୟ ସଂସ୍ଥା, ସରକାରୀ କର୍ମଚାରୀଙ୍କୁ ପ୍ରଦତ୍ତ ଋଣ ଏବଂ ଅଗ୍ରିମ ରାଶିରୁ ଉପଲବ୍ଧ ସୁଧ ରାଶି, ଜଳସେଚନ ଦେୟ, ସହରାଞ୍ଚଳରେ ଜଳ ଯୋଗାଣ ଉପରେ ଆଦାୟ ଶୁଳ୍କ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ଆଦାୟ ହେଉଥିବା ଦେୟ ଓ ଜୋରିମାନା, ବିଭିନ୍ନ ଡାକ୍ତରଖାନାମାନଙ୍କରେ ଆଦାୟ ହେଉଥିବା ୟୁଜର୍ସ ଫି ଓ ଜଙ୍ଗଲ ରାଜସ୍ୱ ଇତ୍ୟାଦି ।

କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ଏବଂ କେନ୍ଦ୍ର ସରକାରଙ୍କ ଅନୁଦାନ ରାଶି ମୋଟ କେନ୍ଦ୍ରୀୟ ପ୍ରାପ୍ତିରେ ଅନ୍ତର୍ଭୁକ୍ତ । କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ବାବଦରେ ଅର୍ଥ କେନ୍ଦ୍ର ସରକାରଙ୍କର ଆବଣ୍ଟିତ ପାଣ୍ଠିରୁ ଅର୍ଥ କମିଶନଙ୍କ ସୁପାରିଶମତେ ମିଳିଥାଏ। କେନ୍ଦ୍ର ସରକାରଙ୍କର ଆବଣ୍ଟିତ ପାଣ୍ଠିରେ ନିମ୍ନ ଟିକସଗୁଡିକ ଯଥା – କର୍ପୋରେସନ୍ ଟିକସ,ଆୟ କର, ସୀମା ଶୁଳ୍କ, କେନ୍ଦ୍ରୀୟ ଦ୍ରବ୍ୟ ଓ ସେବା କର ଅନ୍ତର୍ଭୁକ୍ତ । ଏହି ଆବଣ୍ଟିତ ପାଣ୍ଠିରେ କୌଣସି Cess କିମ୍ବା Surcharge ଅନ୍ତର୍ଭୁକ୍ତ ନୁହେଁ । ପଞ୍ଚଦଶ ଅର୍ଥ କମିଶନଙ୍କର ରିପୋର୍ଟ ଅନୁସାରେ 41 ପ୍ରତିଶତ ଅର୍ଥ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ସିଧା ସଳଖ ହସ୍ତାନ୍ତର (Vertical Transfer) କରିବେ । ସିଧାସଳଖ ଭାବେ ହସ୍ତାନ୍ତରିତ ହେଉଥିବା ଏହି ଅର୍ଥରୁ ପ୍ରତ୍ୟେକ ରାଜ୍ୟ ସାମନ୍ତରାଳ ଭାବେ ତାଙ୍କ ଭାଗ ପାଇଥାନ୍ତି । ଓଡିଶାର ଏହି ସମାନ୍ତରାଳ ଅର୍ଥ ଅଂଶ 2021-25 ଆର୍ଥିକ ବର୍ଷ ଲାଗି 4.528 ପ୍ରତିଶତରେ ସ୍ଥିରିକୃତ ହୋଇଅଛି ।

କେନ୍ଦ୍ରରୁ ମିଳୁଥିବା ସହାୟକ ଅନୁଦାନ ମୁଖ୍ୟତଃ ଅର୍ଥ-କମିଶନଙ୍କ ସୁପାରିଶ କ୍ରମେ ସ୍ଥାନୀୟ ନିକାୟ ସଂସ୍ଥାମାନଙ୍କ ପାଇଁ ଅନୁଦାନ ଓ ରାଜ୍ୟ ଦୁର୍ବିପାକ ମୁକାବିଲା ପାଣ୍ଠି ପାଇଁ ମିଳୁଥିବା ଅନୁଦାନ ଏବଂ ବିଭିନ୍ନ କେନ୍ଦ୍ର ସ୍ତରୀୟ ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ମିଳୁଥିବା ଅନୁଦାନକୁ ବୁଝାଇଥାଏ ।

**ରାଜସ୍ୱ ବ୍ୟୟ (Revenue Expenditure)**

ବେତନ ଓ ଭତ୍ତା, ପେନ୍‌ସନ୍, ସୁଧ ଦେୟ, ରିହାତି, ବାର୍ଦ୍ଧକ୍ୟ ଭତ୍ତା, ବିଦ୍ୟୁତ ଓ ଜଳ ଦେୟ, ଯାନ ବାହାନ ସମ୍ବନ୍ଧୀୟ ଦେୟ, ଆକସ୍ମିକ ବ୍ୟୟ ଏବଂ ପୁଞ୍ଜି ସମ୍ପତ୍ତି ଯଥା ରାସ୍ତା, କୋଠାବାଡି, ଜଳସେଚନ କାର୍ଯ୍ୟର ରକ୍ଷଣା ବେକ୍ଷଣ ଆଦି ରାଜସ୍ୱ ଖର୍ଚ୍ଚର ଅନ୍ତର୍ଭୁକ୍ତ । ରାଜସ୍ୱ ଖର୍ଚ୍ଚ ସାଧାରଣତଃ ପ୍ରତିଷ୍ଠାନ ଏବଂ ରକ୍ଷଣା ବେକ୍ଷଣ ଆଦି ସମ୍ବନ୍ଧୀୟ ଖର୍ଚ୍ଚ ଅଟେ । ତେବେ, ସମ୍ପତ୍ତି ସୃଷ୍ଟି ଓ ପୁଞ୍ଜି ସଂରଚନା ନିମନ୍ତେ ଅନୁଦାନ ଏବଂ ଅନ୍ୟାନ୍ୟ ରାଜସ୍ୱ ଖର୍ଚ୍ଚର ବିବରଣୀ ସ୍ୱତନ୍ତ୍ର ଭାବେ ବ୍ୟାଖ୍ୟାତ୍ମକ ଜ୍ଞାପନରେ ଦର୍ଶାଯାଇଛି ।

**ପ୍ରତିଶୃତି ବଦ୍ଧ ବ୍ୟୟ (Committed Expenditure)**

ପ୍ରତିଶୃତି ବଦ୍ଧ ବ୍ୟୟ ଦରମା, ପେନ୍‌ସନ୍ ଓ ସୁଧ ପ୍ରଦାନ ପାଇଁ ଉଦ୍ଦିଷ୍ଟ । ଏହି ପ୍ରତିଶୃତିବଦ୍ଧ ବ୍ୟୟ ରାଜ୍ୟ ସରକାରଙ୍କ ରାଜସ୍ୱ ଖର୍ଚ୍ଚର ପ୍ରାଥମିକ ଖର୍ଚ୍ଚ ଅଟେ ।

**ପୁଞ୍ଜି ଖର୍ଚ୍ଚ (Capital Outlay)**

କୋଠାବାଡ଼ି, ରାସ୍ତା, ଜଳସେଚନ ପ୍ରକଳ୍ପ, ଶକ୍ତି ପ୍ରକଳ୍ପ, ବନ୍ୟା ନିୟନ୍ତ୍ରଣ ପରିଯୋଜନା, ଜଳଯୋଗାଣ ପ୍ରକଳ୍ପ ଗୁଡ଼ିକର ନିର୍ମାଣ ଲାଗି ହେଉଥିବା ଖର୍ଚ୍ଚ ସ୍ଥାୟୀ ପୁଞ୍ଜି ସମ୍ପତ୍ତି ସୃଷ୍ଟି କରୁଥିବାରୁ ଏହା ପୁଞ୍ଜି ଖର୍ଚ୍ଚର ଅନ୍ତର୍ଭୁକ୍ତ । କିନ୍ତୁ, ଏହାର ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ଖର୍ଚ୍ଚ ରାଜସ୍ୱ ଖର୍ଚ୍ଚର ଅନ୍ତର୍ଭୁକ୍ତ ।

**ପୁଞ୍ଜି ବ୍ୟୟ (Capital Expenditure)**

ପୁଞ୍ଜି ଖର୍ଚ୍ଚ, ସ୍ଥାୟୀ ସମ୍ପତ୍ତି ସଂରଚନା ଲାଗି ଋଣ ପ୍ରଦାନ ଓ ସରକାରୀ ଋଣ ପରିଶୋଧ ପୁଞ୍ଜି ବ୍ୟୟର ପରିସରଭୁକ୍ତ ।

**ଉନ୍ନୟନ ଏବଂ ଅଣ-ଉନ୍ନୟନ ଖର୍ଚ୍ଚ**

ସାମାଜିକ ଓ ଅର୍ଥନୈତିକ ସେବା କ୍ଷେତ୍ରରେ ହେଉଥିବା ଖର୍ଚ୍ଚକୁ ଉନ୍ନୟନ ଖର୍ଚ୍ଚ କୁହାଯାଏ । ସେହିପରି ଭାବେ ସାଧାରଣ ସେବା କ୍ଷେତ୍ରରେ ହେଉଥିବା ଖର୍ଚ୍ଚକୁ ଅଣ-ଉନ୍ନୟନ ଖର୍ଚ୍ଚ କୁହାଯାଏ ।

**ପୁଞ୍ଜି ପ୍ରାପ୍ତି (Capital Receipts)**

ପୁଞ୍ଜି ପ୍ରାପ୍ତି ଉଭୟ ସରକାରୀ ଋଣ ଓ ଅଣ-ଋଣ ପୁଞ୍ଜି ପ୍ରାପ୍ତିର ସମାହାର । ଅଣ-ଋଣ ପୁଞ୍ଜି ପ୍ରାପ୍ତିରେ ଋଣ ଏବଂ ଅଗ୍ରିମ ଆଦାୟରୁ ଅସୁଲ ଏବଂ ପୁଞ୍ଜି ପ୍ରତ୍ୟାହାରରୁ ମିଳିଥିବା ଅର୍ଥ ଅନ୍ତର୍ଭୁକ୍ତ । ଏଥିରେ ମଧ ରାଜ୍ୟ ସରକାର ପ୍ରଦାନ କରୁଥିବା ଆନୁଷ୍ଠାନିକ ଓ ଅଣ-ଆନୁଷ୍ଠାନିକ ଅଗ୍ରିମ ଋଣର ଅସୁଲ ଅନ୍ତର୍ଭୁକ୍ତ ।

ସରକାରୀ ଋଣରେ ବର୍ହି-ସାହାଯ୍ୟପ୍ରାପ୍ତ ପ୍ରକଳ୍ପ ଅଧିନରେ ମିଳୁଥିବା କେନ୍ଦ୍ର ସହାୟତାର ଋଣ ଅଂଶ ଅନ୍ତର୍ଭୁକ୍ତ ଯାହାକି କେନ୍ଦ୍ର ସରକାର ଯେଉଁ ସର୍ତ୍ତରେ ବିଭିନ୍ନ ବାହ୍ୟ ଅର୍ଥଲଗାଣକାରୀ ସଂସ୍ଥାମାନଙ୍କଠାରୁ ଋଣ କରିଥାନ୍ତି ସେହି ସମାନ ସର୍ତ୍ତରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥାନ୍ତି । ସରକାରୀ ଋଣରେ ସ୍ୱଳ୍ପ ସଞ୍ଚୟରୁ ଅଣା ଯାଉଥିବା ଋଣ, ଖୋଲା ବଜାରରୁ ରାଜ୍ୟର ଉନ୍ନତି ପାଇଁ ଅଣାଯାଉଥିବା ଋଣ, NABARD, ଭାରତୀୟ ଜୀବନ ବୀମା ନିଗମ, GIC, HUDCO, NCDC ଏବଂ ସାଧାରଣ ଭବିଷ୍ୟନିଧି ପାଣ୍ଠିରୁ ଅଣାଯାଉଥିବା ଋଣ ଅନ୍ତର୍ଭୁକ୍ତ ଅଟେ ।

## SDG Budget

ମିଳିତ ଜାତିସଂଘର ସମସ୍ତ ସଦସ୍ୟ ମାନଙ୍କ ଦ୍ୱାରା ଗୃହିତ 2030 ନିରନ୍ତର ବିକାଶ ପ୍ରସ୍ତାବ (2030 SDG Agenda) , ବିଶ୍ୱବାସୀ ମାନଙ୍କର ଶାନ୍ତି ଓ ସମୃଦ୍ଧି ପାଇଁ ଏକ ସହଭାଗୀ ଢାଞ୍ଚା ଯୋଗାଉଛି।  ଓଡିଶାର ନିରନ୍ତର ବିକାଶ ଲକ୍ଷ (SDG) ପ୍ରତି ପ୍ରତିବଦ୍ଧତା ରାଜ୍ୟ ବଜେଟ ପ୍ରକ୍ରିୟା ସହ SDGର ମିଶ୍ରଣ ରେ ପ୍ରତିଫଳିତ ହେଉଛି। ସମସ୍ତ 17ଟି ବିକାଶ ଲକ୍ଷ୍ୟକୁ ଏକତ୍ରିତ କରି ରାଜ୍ୟର ଉନ୍ନତି ପଥକୁ ଏକ ସଠିକ ଦିଗ ଦେବାରେ SDG ବଜେଟ ଏକ ଦିଗନ୍ତକାରୀ ପଦକ୍ଷେପ। SDG ଉପରେ ଆଧାରିତ ବଜେଟ ପ୍ରକ୍ରିୟା ସମ୍ବଳ ଆବଣ୍ଟନ ରେ ଉପୁଜୁ ଥିବା ଦ୍ୱନ୍ଦ୍ୱକୁ ଦୂରୀଭୂତ କରିବା ସହ ବଜେଟର ଉତ୍ତରଦାୟିତ୍ୱ ଏବଂ ସ୍ୱଛତା ବୃଦ୍ଧି କରିବାରେ ସହାୟକ ହୋଇ ଥାଏ। SDG ବଜେଟ ପ୍ରକ୍ରିୟା ବଜେଟର ନିରନ୍ତରତା ପାଇଁ ମାନଦଣ୍ଡ ନିର୍ଧାରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

## Gender Budget

ଲିଙ୍ଗଗତ ସାମ୍ୟତା ଆଣିବା ଲାଗି Gender Budget ଏକ ଗୁରୁତ୍ୱପୂର୍ଣ୍ଣ ସାଧନ । ଏହାର ଲକ୍ଷ୍ୟ ହେଲା, ମହିଳା ଏବଂ ବାଳିକାଙ୍କ ଆବଶ୍ୟକତା ଓ ଆକାଂକ୍ଷା ପୂରଣ କରିବା ଉଦ୍ଦେଶ୍ୟରେ ବଜେଟରେ ନିର୍ଦ୍ଦିଷ୍ଟ ଯୋଜନା ଏବଂ କାର୍ଯ୍ୟକ୍ରମ ପରିକଳ୍ପନା କରିବା କାର୍ଯ୍ୟକାରୀ କରିବା ଓ ମୂଲ୍ୟାୟନ କରିବା ସହ କେଉଁ ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ

ଭାବେ କେତେ ଅର୍ଥ ବରାଦ ହୋଇଛି ତାହା ଦର୍ଶାଇବା । ଏହା ମୁଖ୍ୟତଃ ସରକାରଙ୍କର ମହିଳାମାନଙ୍କ ଉନ୍ନୟନ ପାଇଁ ଥିବା ପ୍ରତିଶୃତିବଦ୍ଧତା ତଥା ବଜେଟ୍‌ରେ ସେଥିଲାଗି ଥିବା ବ୍ୟୟ ବରାଦକୁ ସୂଚିତ କରେ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ରାଜ୍ୟ ସରକାର 2012-13 ଆର୍ଥିକ ବର୍ଷଠାରୁ Gender Budget ବିବରଣ ପ୍ରକାଶ କରିଆସୁଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ଓଡିଶା ସରକାର ଶତ ପ୍ରତିଶତ ମହିଳା କୈନ୍ଦ୍ରିକ ଯୋଜନା ଓ କାର୍ଯ୍ୟକ୍ରମକୁ Gender Budget ବିବରଣ Part-A ରେ ପ୍ରକାଶ କରୁଥିଲେ । ପରବର୍ତ୍ତୀ ସମୟରେ 2015-16 ଆର୍ଥିକ ବର୍ଷଠାରୁ ଏହାର Part-B ରେ ଶତକଡା 30 ଭାଗ ମହିଳା କୈନ୍ଦ୍ରିକ ଯୋଜନା ଓ କାର୍ଯ୍ୟକ୍ରମ ସାମିଲ କରାଗଲା ।

## ଶିଶୁ ବଜେଟ **(Child Budget)**

ଶିଶୁ ବଜେଟ ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ ବିତ୍ତୀୟ ପରିଚାଳନା କୌଶଳ ଅଟେ । ଏହା ବଜେଟ୍‌ରେ ଶିଶୁମାନଙ୍କର ଆବଶ୍ୟକତା ଓ ଅଧିକାର ପ୍ରତି ରାଜ୍ୟ ସରକାରଙ୍କର ସମ୍ବେଦନଶୀଳତାକୁ ପ୍ରଦର୍ଶନ ଓ ବିଶ୍ଳେଷଣ କରିଥାଏ । ଏହା ଶିଶୁମାନଙ୍କର ଆବଶ୍ୟକତାକୁ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ଅତ୍ୟାବଶ୍ୟକ ଉତ୍ତରଦାୟୀ ମାଧ୍ୟମ ରୂପେ ଉଭା ହୋଇଛି । ଓଡିଶା ସରକାର ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ, ଶିଶୁମାନଙ୍କ ପ୍ରତି ସମ୍ବେଦନଶୀଳ ଯୋଜନା ସହିତ ରାଜ୍ୟ ବଜେଟ୍ ପ୍ରସ୍ତୁତ କରିଛନ୍ତି ଏବଂ 2019-20 ଆର୍ଥିକ ବର୍ଷଠାରୁ ପ୍ରଥମଥର ଲାଗି କେବଳ ଶିଶୁ କୈନ୍ଦ୍ରିକ ଯୋଜନା ସମ୍ବଳିତ ଏକ ସ୍ୱତନ୍ତ୍ର ଶିଶୁ ବଜେଟ୍ ବିବରଣ ପ୍ରସ୍ତୁତ କରୁଛନ୍ତି ।

## ପୋଷଣ ବଜେଟ୍ **(Nutrition Budget)**

ଜନସାଧାରଣଙ୍କ ସ୍ୱାସ୍ଥ୍ୟର ଉନ୍ନତିରେ ସଠିକ୍ ପୋଷଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବିଶେଷତଃ ଯୁବକ, ମହିଳା ଓ ଶିଶୁମାନଙ୍କ କ୍ଷେତ୍ରରେ ସଠିକ୍ ପୋଷଣ ଅତି ଗୁରୁତ୍ୱପୂର୍ଣ୍ଣ । ଜନସାଧାରଣଙ୍କର ପୋଷଣର ମାନ ଓ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ପାଇଁ ଆବଶ୍ୟକୀୟ ବଜେଟ୍ ରେ ସରକାରୀ ବ୍ୟୟବରାଦର ଅଟକଳ ପାଇଁ Nutrition Budget ଏକ ପ୍ରମୁଖ ଅସ୍ତ୍ର । ପୋଷଣ ବଜେଟ୍ ଏକ ବହୁକ୍ଷେତ୍ରୀୟ ପଦ୍ଧତି ଯାହା ମଧ୍ୟରେ ଉଭୟ ପୋଷଣ କେନ୍ଦ୍ରିକ (Nutrition Specific-Part-A) ଓ ପୋଷଣ ସମ୍ବେଦନଶୀଳ (Nutrition Sensitive- Part-B) କାର୍ଯ୍ୟକ୍ରମ ଗୁଡିକ ଅନ୍ତର୍ଭୁକ୍ତ ।

## ଜଳବାୟୁ ବଜେଟ୍ **(Climate Budget)**

ମାନବ ଜୀବନ**,** ପରିବେଶ ଓ ଅର୍ଥନୀତି ଉପରେ ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ ସମଗ୍ର ପୃଥିବୀ ପାଇଁ ଅତି ଚିନ୍ତାଜନକ । ଭାରତ ଭଳି ଏକ ପ୍ରଗତିଶୀଳ ଦେଶ କ୍ଷେତ୍ରରେ ଏହାର ଭୂଗୋଳ**,**କୃଷି ଉପରେ ଅଧିକ ନିର୍ଭରଶୀଳତା ଓ ବ୍ୟାପକ ଦାରିଦ୍ର୍ୟ ଭଳି କାରଣ ଯୋଗୁଁ ଏହି ପ୍ରତିକୂଳ ପ୍ରଭାବରୁ ନିସ୍ତାର ନାହିଁ । ଏଥିପାଇଁ ରାଜ୍ୟ ସରକାର ସଠିକ୍ ସରକାରୀ ଆର୍ଥିକ ନୀତି **(Public Finance Policy)** ମାଧ୍ୟମରେ ଜଳବାୟୁ ପରିବର୍ତ୍ତନଜନିତ ବିପଦର ମୁକାବିଲା କରିବା ପାଇଁ ବିଭିନ୍ନ ସକ୍ରିୟ କୌଶଳ ଆପଣାଉଛନ୍ତି । ଏଥିପାଇଁ ଚିରସ୍ଥାୟୀ ବିକାଶ ଲକ୍ଷ୍ୟ **(Sustainable Development Goals-SDGs)** ଅନୁଯାୟୀ ବଜେଟ୍‌ରେ ବ୍ୟୟ ବରାଦ ଓ ଆର୍ଥିକ ସମ୍ବଳର ସଂଗଠନ କରିବା ଆବଶ୍ୟକ ।

## Strategic Budgeting

**Strategic Budget** ପ୍ରସ୍ତୁତି ପ୍ରକ୍ରିୟା ର ତିନୋଟି ସୋପାନ ରହିଛି**;** ଯଥା **(**କ**)** ଉପଲବ୍ଧ ସମସ୍ତ ସମ୍ବଳକୁ **Top – Down** ପ୍ରକ୍ରିୟା ମାଧ୍ୟମରେ ଅଟକଳ କରିବା **(**ଖ**) Bottom –up** ପ୍ରକ୍ରିୟାରେ ମୁଖ୍ୟ ବ୍ୟୟଗୁଡିକର ଅଟକଳ **(**ଗ**)** ଉପରୋକ୍ତ ବୈଷୟିକ ତଥ୍ୟକୁ ଜନସାଧାରଣଙ୍କ ଅଗ୍ରାଧିକାର କ୍ଷେତ୍ର ଭିତ୍ତିରେ ସମନ୍ୱୟ କରି ବଜେଟ୍ ର ପରିସୀମା ନିର୍ଦ୍ଧାରଣ କରିବା । **FRBM** ଅଧିନିୟମ ଅନୁସାରେ ରାଜସ୍ୱର ସମ୍ବେଦନଶୀଳତା**/ buoyancy** କୁ ଆଧାର କରି ସମ୍ବଳ ସୀମା ନିର୍ଦ୍ଧାରଣ କରିବା ବେଳେ ସାମଗ୍ରିକ ଅର୍ଥନୈତିକ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖାଯାଏ ଏବଂ ସରକାରଙ୍କର ଋଣ କରିବାର ସୀମା ମଧ୍ୟ ନିର୍ଦ୍ଧାରଣ କରାଯାଏ । ଏହା ହେଉଛି **Strategic Budget** ପ୍ରସ୍ତୁତ କରିବାର **Top–Down** ପ୍ରକ୍ରିୟା । ମୋଟ ସମ୍ବଳର ପରିସୀମା

ନିର୍ଦ୍ଧାରଣ କରିବା ମୁଖ୍ୟତଃ ଏକ ଅର୍ଥନୈତିକ ଓ ବିତ୍ତୀୟ ଅଟକଳର ବୈଷୟିକ ପ୍ରକ୍ରିୟା ଅଟେ । **Strategic Budget** ପ୍ରସ୍ତୁତି ପ୍ରକ୍ରିୟା ଆହୁରି ମଧ୍ୟ ନିର୍ଦ୍ଧାରଣ କରେଯେ ପ୍ରଚଳିତ ଲକ୍ଷ୍ୟ ଗୁଡ଼ିକୁ ହାସଲ କରିବା ପାଇଁ – ପ୍ରତିଶ୍ରୁତିବଦ୍ଧ ବ୍ୟୟର ପରିମାଣ କେତେ ରହିବ ଓ ନୂତନ ଅଗ୍ରାଧିକାର ଲାଗି ବ୍ୟୟ ବରାଦ ପାଇଁ କେତେ ପାଣ୍ଠି ଉପଲବ୍ଧ । ବିଭିନ୍ନ ସ୍ତରରେ ବଜେଟ୍ ପାଇଁ ପରାମର୍ଶ ପ୍ରକ୍ରିୟାଦ୍ୱାରା ନାଗରିକ ମାନଙ୍କର ଆକାଂକ୍ଷାକୁ ଦୃଷ୍ଟିରେ ରଖି ବିଭାଗ ଗୁଡିକର  ଖର୍ଚ୍ଚ ପାଇଁ ବ୍ୟୟ ବରାଦ କରାଯାଏ ।  ଏହା ହେଉଛି **Strategic Budget** ପ୍ରସ୍ତୁତି କୌଶଳର **Bottom-up** ପ୍ରକ୍ରିୟା ।

## Fiscal Risk Statement

ବିତ୍ତୀୟ  ସ୍ୱଚ୍ଛତା ବୃଦ୍ଧି ତଥା ରାଜ୍ୟରେ ସରକାରୀ ଅର୍ଥ ପରିଚାଳନାରେ ସଂସ୍କାର ଆଣିବାର ପ୍ରୟାସରେ **Fiscal Risk Statement** ପ୍ରକାଶ କରାଯାଉଛି। ଏଥିରେ ରାଜ୍ୟ ସରକାରଙ୍କ ପ୍ରତି ରହିଥିବା ସମ୍ଭାବ୍ୟ ବିତ୍ତୀୟ ବିପଦ ଏବଂ ଏହାର ନିରାକରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଉପରେ ଆଲୋଚନା କରାଯାଇଛି। ଏହି **Fiscal Risk Statement** ଦସ୍ତାବିଜ ବିତ୍ତୀୟ ବିପଦର ଉତ୍ତମ ପରିଚାଳନାକୁ ସୁନିଶ୍ଚିତ କରିବା ସହିତ ଏହା ରାଜ୍ୟରେ ଜନସେବା ପ୍ରଦାନରେ ଅଧିକ ସ୍ଥିରତା, ମଧ୍ୟମ-ମିଆଦି ବିତ୍ତୀୟ ଢାଞ୍ଚା (**MTFF**) ଉପରେ ବିଶ୍ୱସନୀୟତା ବୃଦ୍ଧି ଏବଂ ଓଡିଶାର ବିତ୍ତୀୟ ପରିଚାଳନା କ୍ଷେତ୍ରରେ ସମସ୍ତ ଅଂଶୀଦାରଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ସହାୟକ ହେବ।

## Fiscal Strategy Report

ଏହି **Fiscal Strategy Report** (**FSR**) ହେଉଛି ମଧ୍ୟମ-ମିଆଦି  ବିତ୍ତୀୟ ଢାଞ୍ଚା (**MTFF**) ପ୍ରକ୍ରିୟାର ଏକ ଫଳାଫଳ। **MTFF** ଏବଂ **Fiscal Strategy Report** ଓଡିଶାର ସରକାରୀ ଅର୍ଥ ପରିଚାଳନାରେ ସଂସ୍କାରର ଏକ ଅଂଶ। ଏହା ରାଜ୍ୟର ବିକାଶ ନିମନ୍ତେ ଆବଶ୍ୟକୀୟ ବିତ୍ତୀୟ ନିରନ୍ତରତା ରକ୍ଷା କରିବାକୁ ଲକ୍ଷ୍ୟ ରଖିଛି **|** ଏହି ରିପୋର୍ଟରେ ଓଡିଶାର ଆର୍ଥିକ ପରିଚାଳନା କ୍ଷେତ୍ରରେ ସଂସ୍କାରର ମୁଖ୍ୟ ଲକ୍ଷ୍ୟ ଗୁଡିକ ଦର୍ଶାଯାଇଛି। ଏହି ରିପୋର୍ଟରେ ମଧ୍ୟ ରାଜ୍ୟର ସାମଗ୍ରିକ ଅର୍ଥନୈତିକ ଦୃଷ୍ଟିକୋଣ ଉପସ୍ଥାପନ କରାଯାଇଛି ଯାହା ଉପରେ ବିତ୍ତୀୟ ରଣନୀତି ଆଧାରିତ **|** ଏହି **Fiscal Strategy Report** ରେ ରାଜ୍ୟର  ରାଜସ୍ୱ ଏବଂ ବ୍ୟୟ ଅଟକଳ କରାଯିବ ସହ ନୂତନ କାର୍ଯ୍ୟକ୍ରମ ପାଇଁ ଉପଲବ୍ଧ ବିତ୍ତୀୟ ସ୍ଥାନର ମୂଲ୍ୟାଙ୍କନ କରାଯାଇ ମଧ୍ୟମ-ମିଆଦି ବିତ୍ତୀୟ ଦୃଷ୍ଟିକୋଣ ଦର୍ଶା ଯାଇଛି ।

## Status Paper on Public Debt

**Status Paper on Public Debt** ହେଉଛି ଓଡିଶା ସରକାରଙ୍କ ଋଣ ର ବିଭିନ୍ନ ଦିଗ ଉପରେ ଏକ **disclosure document** । ଏହି ଦସ୍ତାବିଜରେ ରାଜ୍ୟର ବର୍ତ୍ତମାନର ଋଣ ର ପ୍ରକାରଭେଦ, ଋଣ ଭାରରେ ସନ୍ତୁଳନ ରକ୍ଷା ଏବଂ ଆଗାମୀ ବର୍ଷ ମାନଙ୍କରେ ରାଜ୍ୟର ଋଣର ଅଟକଳ।

ବଜେଟ୍
ଆପ୍

GET IT ON
Google play

Download on the
App Store

ଅର୍ଥ ବିଭାଗ, ଓଡିଶା ସରକାର
http://budget.odisha.gov.in/